रेजिस्ट्री सं डी-221

REGISTERED No. D-221

ରେଜିଷ୍ଟ୍ରି ସଂ. ଡି-221

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**

**EXTRAORDINARY**

**ଅସାଧାରଣ**

**भाग XIII—अनुभाग I**

**Part XIII—Section I**

**ଭାଗ XIII— ଖଣ୍ଡ I**

**प्राधिकार से प्रकाशित**

**PUBLISHED BY AUTHORITY**

**ପ୍ରାଧିକାର ଦ୍ଵାରା ପ୍ରକାଶିତ**

977/91

**No 1, NEW DELHI, TUESDAY, MAY 8, 1990/BAISAKH 18, 1912 (SAKA) VOL I**

**ସଂ. 1, ନୂଆଦିଲ୍ଲୀ, ମଙ୍ଗଳବାର, ମଇ 8, 1990/ବୈଶାଖ 18, 1912 (ଶକ) ଗ୍ରନ୍ଥଖଣ୍ଡ 1**

## MINISTRY OF LAW AND JUSTICE

**(Legislative Department)**

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ଆଇନ ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜୁଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡ଼େସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ୱାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡ଼େସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଚ୍ଛିମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଳ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍‌ୟାବିଲ୍‌ଟିଜ୍) ଏକ୍ଟ, 1928 (15) ଦି ଗୁଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ୍ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍‌ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍‌ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ଼୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ଵାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଆର୍ଯ୍ୟ ବିବାହ ବୈଧମାନ୍ୟକରଣ ଅଧିନିୟମ, 1937

## 1937ର ଅଧିନିୟମ ସଂ 19

ଆର୍ଯ୍ୟସମାଜପନ୍ଥୀମାନଙ୍କ ମଧ୍ୟରେ ପ୍ରଚଳିତ ଥିବା ଆନ୍ତଃବିବାହର ବୈଧମାନ୍ୟତାକୁ ସ୍ୱୀକୃତି ଦେବା ଓ ସେ ସଂପର୍କରେ ଥିବା ସଂଦେହକୁ ଦୂର କରିବା ପାଇଁ ଏକ ଅଧିନିୟମ

[ 14 ଅପ୍ରେଲ, 1937 ]

ଯେହେତୁ ଆର୍ଯ୍ୟସମାଜପନ୍ଥୀ ହିସାବରେ ବିଦିତ ହେଉଥିବା ଏକ ଶ୍ରେଣୀର ହିନ୍ଦୁମାନଙ୍କ ମଧ୍ୟରେ ଆନ୍ତଃବିବାହର ବୈଧମାନ୍ୟତାକୁ ସ୍ୱୀକୃତି ଦେବା ଓ ତାହାକୁ ସଂଦେହର ବାହାରେ ରଖାଯିବା ସମୀଚୀନ ଅଟେ ; ତେଣୁ ଏତଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :—

ସଂକ୍ଷିପ୍ତ ନାମ ଓ ବିସ୍ତାର ।

1. (1) ଏହି ଅଧିନିୟମ ଆର୍ଯ୍ୟ ବିବାହ ବୈଧମାନ୍ୟକରଣ ଅଧିନିୟମ, 1937 ନାମରେ ଅଭିହିତ ହେବ ।

(2) ଏହା ପହିଲା ନଭେମ୍ବର, 1956ରେ ଅବ୍ୟବହିତ ପୂର୍ବେ ଭାଗ ଖ ରାଜ୍ୟର ଅନ୍ତର୍ଭୁକ୍ତ ରାଜ୍ୟକ୍ଷେତ୍ରଗୁଡ଼ିକୁ ଛାଡ଼ି ସାରା ଭାରତରେ ବିସ୍ତୃତ ଅଟେ ଏବଂ ଭାରତସ୍ଥ ନାଗରିକମାନେ ଯେଉଁଠାରେ ଥାଆନ୍ତୁ ନା କାହିଁକି ଏହା ସେମାନଙ୍କ ପ୍ରତି ମଧ୍ୟ ପ୍ରଯୋଜ୍ୟ ।

ଆର୍ଯ୍ୟ ସମାଜ-ପନ୍ଥୀମାନଙ୍କ ମଧ୍ୟରେ ହୋଇ ଥିବା ବିବାହ ଅବିଧିମାନ୍ୟ ହେବନାହିଁ ।

2. ହିନ୍ଦୁ ବିଧି, ଚଳଣି ବା ଲୋକାଚାରର ବିପରୀତ କୌଣସି ଉପବନ୍ଧ ଥିବା ସତ୍ତ୍ୱେ, ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ହେଉ କି ପରେ ହେଉ ବିବାହ ସମୟରେ ଦୁଇ ଜଣ ଆର୍ଯ୍ୟସମାଜପନ୍ଥୀ ବ୍ୟକ୍ତିଙ୍କ ମଧ୍ୟରେ ହୋଇଥିବା କୌଣସି ବିବାହ କେବଳ ମାତ୍ର ଏହି ତଥ୍ୟ ଯୋଗୁଁ ଅବିଧିମାନ୍ୟ ହେବ ନାହିଁ ବା କେବେ ଅବିଧିମାନ୍ୟ ହୋଇଥିବା ବିବେଚିତ ହୋଇ-ନାହିଁ ଯେ ପାତ୍ର-ପାତ୍ରୀ କୌଣସି ଏକ ସମୟରେ ହିନ୍ଦୁ ମତାବଲମ୍ବୀ ଭିନ୍ନ ଭିନ୍ନ ଜାତି ବା ଉପଜାତିର ଥିଲେ ଅଥବା ପାତ୍ର-ପାତ୍ରୀଙ୍କ ମଧ୍ୟରୁ କେହି ବା ଉଭୟେ ବିବାହ ପୂର୍ବରୁ କୌଣସି ଏକ ସମୟରେ ହିନ୍ଦୁ ଧର୍ମ ଭିନ୍ନ ଅନ୍ୟ ଧର୍ମର ଥିଲେ ।

———